ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1215/09-11-2023**

# ହୋଟେଲ ଓ ରେସ୍ତୋରାଁରେ ମିଳିବ ପୁଷ୍ଟିଶସ୍ୟ ଖାଦ୍ୟସମ୍ଭାର

ଭୁବନେଶ୍ୱର, ୦୯/୧୧/୨୦୨୩

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀର ଆଜି ପ୍ରଥମ ଦିନ ହୋଟେଲ ତଥା ରେସ୍ତୋରାଁଗୁଡ଼ିକର କାର୍ଯ୍ୟକର୍ତ୍ତାମାନେ ସମବେତ ହୋଇ ପୁଷ୍ଟିଶସ୍ୟ ପ୍ରସାରଣ ଉପରେ ଆଲୋଚନା କରିଛନ୍ତି ।

ବିଶ୍ୱପ୍ରସିଦ୍ଧ ବ୍ୟଞ୍ଜନ ବିଶେଷଜ୍ଞ ବିକାଶ ଖାନ୍ନା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିବକ୍ତବ୍ୟ ପ୍ରଦାନ କରିଥିଲେ । ସେ ସମକାଳୀନ ଖାଦ୍ୟ ସଂସ୍କୃତିରେ ପୁଷ୍ଟିଶସ୍ୟର ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିବା ସହିତ ଏହାକୁ ମୁଖ୍ୟସ୍ରୋତ ଖାଦ୍ୟସଂସ୍କୃତିରେ ସାମିଲ କରିବା ନିମନ୍ତେ ମତ ଦେଇଥିଲେ । ଓଡ଼ିଆ ବ୍ୟଞ୍ଜନ ଉପରେ ଜନସାଧାରଣ ଅଧିକ ପ୍ରଶିକ୍ଷିତ ହେବାକୁ ସେ ମତ ଦେଇଥିଲେ । ଭାରତୀୟ ଖାଦ୍ୟର ପ୍ରଭାବ ସାରା ବିଶ୍ୱରେ ବୃଦ୍ଧି ପାଇଚାଲିଛି ବୋଲି କହିବା ସହିତ ସେ ଓଡ଼ିଶାର ଉତ୍ତମ ପରିଚର୍ଯ୍ୟା ନେଇ ତାଙ୍କର ଓଡ଼ିଶା ଅନୁଭୂତି ବର୍ଣ୍ଣନା କରିଥିଲେ ।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ ମହାନ୍ତି ଏବଂ ଓଡ଼ିଶା ହୋଟେଲ ଓ ରେସ୍ତୋରାଁର ଅଧ୍ୟକ୍ଷ ଡ. ଜେ.କେ. ମହାନ୍ତି ଉପସ୍ଥିତ ରହି ମତାମତ ବ୍ୟକ୍ତ କରିଥିଲେ । ପୁଷ୍ଟିଶସ୍ୟର ପ୍ରସାର ଓ ଆଦୃତି ଉଦ୍ଦେଶ୍ୟରେ ମାଣ୍ଡିଆ ଦିବସ ପାଳନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ବୋଲି ଉଲ୍ଲେଖ କରିବା ସହିତ ବକ୍ତାମାନେ ସମସ୍ତ ହୋଟେଲ, ରେସ୍ତୋରାଁ, କାଫେ ଓ ବେକେରୀମାନଙ୍କରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଉପଲବ୍ଧ ନିମନ୍ତେ ପ୍ରୟାସ ଜାରି ରହିଛି ବୋଲି ପ୍ରକାଶ କରିଥିଲେ ।

ତନୁଜା ମହାନ୍ତି
ସୂଚନା ଅଧିକାରୀ